# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 October – 2025

*********************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ବାତ୍ୟା ମୋନ୍ଥାର ପ୍ରଭାବରେ ରାଜ୍ୟର ୩୩ଟି ବ୍ଲକ୍ ଓ ୧୧ଟି ସହରାଞ୍ଚଳ ପ୍ରଭାବିତ

— କ୍ଷୟକ୍ଷତି ରିପୋର୍ଟ ମିଳିବା ପରେ ତୁରନ୍ତ ସହାୟତାରାଶି ପ୍ରଦାନ କରାଯିବ, କହିଲେ ରାଜସ୍ୱ ମନ୍ତ୍ରୀ

- ରାଜ୍ୟର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ-ସୁଭଦ୍ରା ଶକ୍ତି ମେଳା ଆସନ୍ତା ଶନିବାରଠାରୁ ଭୁବନେଶ୍ୱରରେ ହେବ ଆରମ୍ଭ

- ଯୁକ୍ତଦୁଇ ଫର୍ମ ପୂରଣ ଅବଧି ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

ଏବଂ

- 'ପ୍ରତ୍ୟେକ ମିନିଟ୍‌କୁ ଗଣିବା' ଏବଂ ମସ୍ତିଷ୍କାଘାତରୁ ରକ୍ଷା ପାଇବାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ମସ୍ତିଷ୍କାଘାତ ଦିବସ'

## ବାତ୍ୟା-ସୁରେଶ ପୂଜାରୀ

ରାଜ୍ୟରେ ବାତ୍ୟା ମୋନ୍ଥାର ପ୍ରଭାବ ବିଶେଷ ଭାବେ ପଡି ନଥିଲେ ମଧ୍ୟ କେତେକ ଜିଲ୍ଲାରେ ଆଂଶିକ ପ୍ରଭାବ ପଡିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ମୋନ୍ଥା ଦ୍ୱାରା ୩୩ଟି ବ୍ଲକ୍ ଓ ୧୧ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ୫୬ଟି ବ୍ଲକ୍‌ରେ ୫୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଗଜପତି ଜିଲ୍ଲାର ଗୋଷାଣୀ, ନୂଆଗାଁ ବ୍ଲକ୍‌ରେ ସର୍ବାଧିକ ୧୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

୧୬୧ଟି ବାତ୍ୟା ଆଶ୍ୟୟସ୍ଥଳିରେ ପ୍ରାୟ ୧୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ୧୮ ହଜାର ଲୋକଙ୍କୁ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଆସନ୍ତାକାଲିଠାରୁ ଫସଲ କ୍ଷୟକ୍ଷତିର ଆକଳନ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**- V/O - (ସୁରେଶ ପୂଜାରୀ)**

## ବାତ୍ୟା ପ୍ରଭାବ

ବାତ୍ୟା ମୋନ୍ଥା ପ୍ରଭାବରେ ଆଜି **ନୟାଗଡ଼** ଜିଲ୍ଲାର ୮ଟି ବ୍ଲକ୍‌ରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ପବନ ଓ ବର୍ଷା ଯୋଗୁଁ ଧାନ ଫସଲ

ପ୍ରଭାବିତ ହୋଇଛି । ଅନ୍ୟପକ୍ଷରେ ଚାଷଜମିରେ ପାଣି ଜମିଯିବାରୁ ପନିପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି ।

## ସୁଭଦ୍ରା ଶକ୍ତିମେଳା

ଓଡ଼ିଶାର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ **ସୁଭଦ୍ରା ଶକ୍ତି ମେଳା** ଆସନ୍ତା ମାସ ପହିଲାରୁ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ହେବ ।  ରାଜ୍ୟ ସରକାରଙ୍କ ମହିଳା ନେତୃତ୍ୱାଧୀନ ବିକାଶ ଦିଗରେ ପ୍ରତିବଦ୍ଧ ଲକ୍ଷ୍ୟପତି ଦିଦି ପଦକ୍ଷେପ ମାଧ୍ୟମରେ ମହିଳାଙ୍କୁ ଆତ୍ମବିଶ୍ୱାସୀ ଉଦ୍ୟୋଗୀରେ ରୂପାନ୍ତରିତ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଏହି ଅବସରରେ ଶ୍ରୀମତୀ ପରିଡା ଆଗାମୀ ସୁଭଦ୍ରା ଶକ୍ତିମେଳା ନିମନ୍ତେ ମାସ୍କର୍ଟ ସୁଭଦ୍ରା ଦିଦି ଉନ୍ମୋଚନ କରିଛନ୍ତି । ଏହି ପଦକ୍ଷେପ ଏକ ସଶକ୍ତ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଦୃଢ଼ ଅଗ୍ରଗତିକୁ ପ୍ରକାଶିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି । ଏହି ମେଳା ଆସନ୍ତା ପହିଲାରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ନୂଆପଡା-ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନ ପାଇଁ ୨ ସପ୍ତାହରୁ କମ୍ ସପ୍ତାହରୁ କମ୍ ସମୟ ରହିଛି । ୩ ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନରେ ସେମାନଙ୍କ ସପକ୍ଷରେ

ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାର ଅଭିଯାନ ଜାରି ରଖିଛନ୍ତି। **ବିଜେପି** ପକ୍ଷରୁ ସାଂସଦ ମାଳବିକା ଦେବୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଗଣ୍ଡାମେର, ପଣ୍ଡରାପଥର, ଲକ୍ଷ୍ମୀଠାରେ ପ୍ରଚାର କରିଛନ୍ତି। **ବିଜେଡି** ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ସୁନାବେଡା ଅଭୟାରଣ୍ୟ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ନିର୍ବାଚନୀ ଶୋଭାଯାତ୍ରା ଏବଂ ସଭା ଯୋଗଦେଇଥିଲେ। **କଂଗ୍ରେସ** ପକ୍ଷରୁ ବିଭିନ୍ନ ସ୍ଥାନରେ ଦଳୀୟ ନେତାମାନେ ଘାସିରାମ ମାଝୀଙ୍କ ସପକ୍ଷରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତା ମାସ ୧୧ ତାରିଖରେ ଭୋଟ ଗ୍ରହଣ କରାଯିବା ସହ ୧୪ ତାରିଖରେ ଫଳାଫଳ ପ୍ରକାଶ ପାଇବ।

## ୯୯ ମହାବାତ୍ୟା

୧୯୯୯ ମସିହା ଅକ୍ଟୋବର ୨୯ ତାରିଖରେ ଉପକୂଳ ଓଡ଼ିଶାରେ ପ୍ରଳୟଙ୍କାରୀ ମହାବାତ୍ୟା ଯୋଗୁଁ ବ୍ୟାପକ ବିପର୍ଯ୍ୟୟ ହୋଇଥିଲା। ଜଗତ୍‌ସିଂହପୁର ଜିଲ୍ଲାର ଏରସମା ଓ ପାରାଦ୍ୱୀପ ଅଂଚଳ, ପୁରୀ, କଟକ ଏବଂ କେନ୍ଦ୍ରାପଡା ଜିଲ୍ଲା ବିଶେଷ ଭାବରେ ମହାବାତ୍ୟା ଯୋଗୁଁ ପ୍ରଭାବିତ ହୋଇଥିଲା। ଆଜିକୁ ଏହି ମହାବାତ୍ୟା ୨୬ ବର୍ଷ ପୂରଣ କରିଛି। ବାତ୍ୟା ପୂର୍ବରୁ ନିଜକୁ ପ୍ରସ୍ତୁତ ରଖିବା ଉଦ୍ଦେଶ୍ୟରେ ଏହି ଦିନକୁ ମନେ ରଖିବା ପାଇଁ ସରକାର 'ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ' ଭାବେ ପାଳନ କରୁଛନ୍ତି।

**ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ୧୯୯୯ ମହାବାତ୍ୟାର ସ୍ମୃତିଚାରଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଏହି ବିପର୍ଯ୍ୟୟ ରାଜ୍ୟକୁ ଶିଖାଇଥିଲା ବାତ୍ୟା ମୁକାବିଲା ପାଇଁ 'ପୂର୍ବ ପ୍ରସ୍ତୁତି' କେତେ ଗୁରୁତ୍ୱପୂର୍ଣ୍ଣ। ବାତ୍ୟା-ବନ୍ୟା ସମୟରେ ପ୍ରଶାସନକୁ ସହଯୋଗ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଅନୁରୋଧ କରିଛନ୍ତି।

**ସ୍ୱାସ୍ଥ୍ୟମନ୍ତ୍ରୀ** ମୁକେଶ ମହାଲିଙ୍ଗ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ସଚେତନତା ପାଇଁ ଗୁରୁତ୍ୱାରୋପ କରିଛନ୍ତି।

## ଯୁକ୍ତ ଦୁଇ ଫର୍ମ ପୂରଣ ଅବଧି

ଯୁକ୍ତ ଦୁଇ ପାଠ୍ୟକ୍ରମର ବାର୍ଷିକ ପରୀକ୍ଷା ଫର୍ମ ପୂରଣ ଅବଧିକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ନଭେମ୍ବର ମାସ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ, ବାତ୍ୟା ମୋନ୍ଥା ଯୋଗୁଁ କେତେକ ସ୍କୁଲ ଏବଂ ଛାତ୍ରଛାତ୍ରୀମାନଙ୍କ ଅଭିଭାବକଙ୍କଠାରୁ ପରୀକ୍ଷା ଫର୍ମ ପୂରଣ ଅବଧିକୁ ବୃଦ୍ଧି କରିବା ନେଇ ଅନୁରୋଧ ମିଳିବା ପରେ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି।

## ଜୟୀ ରାଜଗୁରୁ

ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁରରେ ଜନ୍ମିତ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁଙ୍କର ଜନ୍ମଜୟନ୍ତୀରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

୧୭୮୦ ମସିହାରେ ୪୧ ବର୍ଷ ବୟସରେ ଜୟୀ ରାଜଗୁରୁ ଖୋର୍ଦ୍ଧା ରାଜା ଦିବ୍ୟସିଂହଦେବଙ୍କ ଦ୍ୱିତୀୟ ରାଜସଭାରେ ରାଜଗୁରୁ ମନ୍ତ୍ରୀ ପଦରେ ନିଯୁକ୍ତ ହୋଇଥିଲେ। ଇଂରେଜ ବିରୋଧରେ ପାଇକମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରିବାରେ ଜୟୀ ରାଜଗୁରୁଙ୍କର ଏକ ପ୍ରମୁଖ ଭୂମିକା ଥିଲା। ୧୮୦୪ ମସିହାରେ ମହାନଦୀ କୂଳରେ ପ୍ରଥମ ଥର ପାଇଁ ଇଂରେଜମାନଙ୍କ ବିରୋଧରେ ଆକ୍ରମଣ କରି ନିଜର ଅଦମ୍ୟ ସାହସର ପରିଚୟ ଦେଇଥିଲେ। ୧୮୦୬ ମସିହା ଡିସେମ୍ବର ମାସ ୬ ତାରିଖରେ ଇଂରେଜ ସରକାର ଜୟୀ ରାଜଗୁରୁଙ୍କୁ ଫାଶୀ ଦେଇଥିଲେ। ରାଜଗୁରୁଙ୍କର ବ୍ୟକ୍ତିତ୍ୱ ବର୍ତ୍ତମାନ ସମୟରେ ବି କୋଟି କୋଟି ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି।

ସ୍ୱାଧୀନତା ସଂଗ୍ରାମର ପ୍ରଥମ ଓଡ଼ିଆ ଶହୀଦ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିପ୍ଲବୀ ଜୟୀ ରାଜଗୁରୁ ମାତୃଭୂମିର ସୁରକ୍ଷା ପାଇଁ ଦେଇଥିବା ତ୍ୟାଗ ଏବଂ ବଳିଦାନକୁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସ୍ମରଣ କରିଛନ୍ତି। ଜୟୀ ରାଜଗୁରୁଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ତାଙ୍କ ବୀରତ୍ୱ, ବଳିଦାନ ଓ ଦେଶପ୍ରେମ ସର୍ବଦା ପ୍ରେରଣା ହୋଇ ରହିବ।

# ବିଶ୍ୱ ମସ୍ତିଷ୍କାଘାତ ଦିବସ

ଜନସାଧାରଣଙ୍କୁ ମସ୍ତିଷ୍କ ଆଘାତର ଲକ୍ଷଣ ଏବଂ ଜରୁରୀ ଯତ୍ନର ଆବଶ୍ୟକତା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ଆଜି **ବିଶ୍ୱ**

**ମସ୍ତିଷ୍କାଘାତ ଦିବସ** ପାଳନ କରାଯାଉଛି । ମସ୍ତିଷ୍କ ଆଘାତ ବା ଷ୍ଟ୍ରୋକ୍, ଏହାର ପ୍ରତିରୋଧ ଏବଂ ଏଥିରୁ ରକ୍ଷା ପାଇଥିବା ବ୍ୟକ୍ତିଙ୍କ ପାଇଁ ଉନ୍ନତ ଯତ୍ନ ଏବଂ ସହାୟତାରେ ଆବଶ୍ୟକତାକୁ ଉପଲବ୍ଧି କରିବା ଦିଗରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ଅନ୍ୟତମ ଲକ୍ଷ୍ୟ।  ଚଳିତବର୍ଷ 'ବିଶ୍ୱ ମସ୍ତିଷ୍କାଘାତ ଦିବସ'ର ବାର୍ତ୍ତା ହେଉଛି- 'ପ୍ରତ୍ୟେକ ମିନିଟ୍‌କୁ ଗଣିବା'।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ....

ମସ୍ତିଷ୍କର କିଛି ଅଂଶରେ ପର୍ଯ୍ୟାପ୍ତ ରକ୍ତପ୍ରବାହ ନହେବା କାରଣରୁ ଏବଂ ଅବରୋଧିତ ଧମନୀ କିମ୍ବା ମସ୍ତିଷ୍କରେ ରକ୍ତସ୍ରାବ ହେତୁ ମସ୍ତିଷ୍କାଘାତ ହୋଇଥାଏ । ହଠାତ୍ ଅଚେତ ହୋଇଯିବା, ବାତ ମାରିବା, ଶରୀରର କୌଣସି ଅଙ୍ଗ ଅଚଳ ହୋଇଯିବା କିମ୍ବା ଦୁର୍ବଳ ହେବା ଏବଂ କଥାବାର୍ତ୍ତା କରିବାରେ ସମସ୍ୟା ଆଦି ଷ୍ଟ୍ରୋକ୍‌ର ଲକ୍ଷଣ । ପୃଥିବୀରେ ବର୍ତ୍ତମାନ ସମୟରେ ମୃତ୍ୟୁ ଓ ବିକଳାଙ୍ଗର ବଡ଼ କାରଣ ହେଉଛି ଷ୍ଟ୍ରୋକ୍। ପ୍ରତିବର୍ଷ ପ୍ରାୟ ୧୮ ଲକ୍ଷ ଲୋକ ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡିତ ହେଉଛନ୍ତି।

ଭାରତ ସମେତ ନିମ୍ନ ଓ ମଧ୍ୟମ ଆୟ ଦେଶଗୁଡ଼ିକରେ ବ୍ରେନ୍ ଷ୍ଟ୍ରୋକ୍ ମାମଲା ୧୦୦ ପ୍ରତିଶତ ଅଧିକ ବୃଦ୍ଧି ପାଉଥିବାରୁ ଦେଶର ସାମାଜିକ, ଆର୍ଥିକ କ୍ଷେତ୍ର ପାଇଁ ଏକ ବଡ଼ ଧରଣର ଆହ୍ୱାନ ସୃଷ୍ଟି କରିଛି। ବିକଶିତ ଦେଶଗୁଡ଼ିକରେ ୪୨ ପ୍ରତିଶତ ବ୍ରେନ୍‌ଷ୍ଟ୍ରୋକ୍ ମାମଲା କମିଛି। ଏକ

ରିପୋର୍ଟର ତଥ୍ୟ ଅନୁସାରେ, ଭାରତରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୧୪୫ ଜଣ ବ୍ରେନ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇଥାନ୍ତି। ଯାହାକି, ପ୍ରତି ମିନିଟ୍‌ରେ ୩ ଜଣ ଭାରତୀୟ ମସ୍ତିଷ୍କାଘାତରେ ପୀଡିତ ହେଉଛନ୍ତି।

ନିୟମିତ ଶାରୀରିକ କାର୍ଯ୍ୟକଳାପ, ଦ୍ରୁତଗତିରେ ଚାଲିବା ଯୋଗୁଁ ସୁସ୍ଥ ଓଜନ ବଜାୟ ରଖିବା ସହ ରକ୍ତଚାପ ନିୟନ୍ତ୍ରଣ ହେବା ସହ ଏହି ରୋଗରୁ ରକ୍ଷା ମିଳିଥାଏ । ବ୍ରେନ୍‌ଷ୍ଟ୍ରୋକ୍‌ର କାରଣଗୁଡ଼ିକ ବୁଝିବା ଓ ଏହାର ଲକ୍ଷଣଗୁଡ଼ିକୁ ଚହ୍ନଟ କରିପାରିଲେ ମସ୍ତିଷ୍କାଘାତ ରୋକାଯାଇପାରିବ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ଉଲ୍ଲାସ

**ନବରଙ୍ଗପୁର** ଜିଲ୍ଲାରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ **ଉଲ୍ଲାସ**ର ପ୍ରଥମ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୩୦ ହଜାର ୬୩୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କେନ୍ଦ୍ର ସରକାରଙ୍କ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ **ଉଲ୍ଲାସ** ଅଧୀନରେ ଜିଲ୍ଲାର ୧୫ ବର୍ଷରୁ ଉର୍ଦ୍ଧ୍ୱ ଅଣସାକ୍ଷର ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ସମସ୍ତ ଶିକ୍ଷାର୍ଥୀଙ୍କୁ ପୁସ୍ତକ ପ୍ରଦାନ କରାଯିବା ସହିତ ଶିକ୍ଷାଦାନ କରାଯାଇଥିଲା।

# ମିତବ୍ୟୟତା ଦିବସ

ଦରକାର ଅନୁସାରେ ଖର୍ଚ୍ଚ କରି ସଞ୍ଚୟକୁ ଗୋଟେ ଅଭ୍ୟାସ କରିବା ଲାଗି ଲୋକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ମିତବ୍ୟୟତା ଦିବସ ପାଳନ କରାଯାଉଛି । ୧୯୪୨ ମସିହା ଆଜିର ଦିନରେ ଇଟାଲୀର ମିଲାନଠାରେ ପ୍ରଥମ ଆନ୍ତର୍ଜାତୀୟ ସଞ୍ଚୟ ବ୍ୟାଙ୍କ ତରଫରୁ ବିଶ୍ୱ ସଞ୍ଚୟ ଦିବସ ପାଳନ କରାଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀସ୍ତରରେ, ବ୍ୟାଙ୍କ ଏବଂ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ମିତବ୍ୟୟତା ଦିବସ ପାଳନ କରାଯାଉଛି ।

## କାଳୀ ବିସର୍ଜନ

**ଭଦ୍ରକ** ସହର ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଅନୁଷ୍ଠିତ ସାର୍ବଜନୀନ ମା’ କାଳୀଙ୍କ ମେଢ଼ ବିସର୍ଜନ ହୋଇଯାଇଛି । ୭ଟି ବ୍ଲକ୍ ଏବଂ ଗ୍ରାମାଞ୍ଚଳର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମା’ କାଳୀଙ୍କର ମୃଣ୍ମୟୀ ମୂର୍ତ୍ତୀକୁ ସାଳନ୍ଦୀ ନଦୀ ଏବଂ ଅନ୍ୟ ନଦୀଗୁଡ଼ିକରେ ବିସର୍ଜନ କରାଯାଇଛି ।

## ସଡକ ସୁରକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି. କିର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁର୍ଘଟଣା ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଜାତୀୟ ରାଜପଥରେ

ସଡକ ନିୟମ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିମାନଙ୍କଠାରୁ ଜୋରିମାନା ଆଦାୟ କରିବା ପାଇଁ ମତ ପ୍ରକାଶ ପାଇଥିଲା।

## ପାଣିପାଗ

ବାତ୍ୟା ମୋନ୍ଥା ଭୀଷଣ ବାତ୍ୟାରୁ ବାତ୍ୟାର ରୂପ ନେଇଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ଏହା ଉତ୍ତର-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଗଜପତି, ଗଞ୍ଜାମ, ରାୟଗଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଆଜି ମଧ୍ୟ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।